# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ପାଣିପାଗ ଖେତ୍ରୟ ୟୁନିଟ ଜି . ଉଦୟଗିରି

### ଆଞ୍ଚଳିକ ଜେବେଷଣା ଓ ବୈଷିକ ସମ୍ପ୍ରସାରଣ କେନ୍ଦ୍ର ଜି . ଉଦୟଗିରି , କନ୍ଧମାଳ

### ଓଡିଶା କୃଷି ଓ ବୈଷିୟୀକ ବିଶ୍ଵ ବିଦ୍ୟାଳୟ ଭୁବନେଶ୍ଵର

## ପାଣିପାଗ ପୁର୍ବାନୁମାନ : ୦୬. ୦୮.୨୦୧୯ ଠାରୁ ୧୧. ୦୮.୨୦୧୯

| ଜିଲା | ତାରିଖ | ବର୍ଷା ( ମି ମି ) | ସର୍ବାଧିକ ତାପମାତ୍ରା ( ସେ ଗ୍ରେ) | ସର୍ବନିମ୍ନ ତାପମାତ୍ରା ( ସେ ଗ୍ରେ ) | ମେଘାଛନ | ସର୍ବାଧିକ ଆଦ୍ରତା | ସର୍ବାଧିକ ଆଦ୍ରତା | ବାୟୁ ର ଗତି | ବାୟୁ ର ଗତି ଦିଗ ( ଡ଼ି ) |
|---|---|---|---|---|---|---|---|---|---|
| ରାୟଗଡା | ୦୭. ୦୮.୨୦୧୮ | ୬୧ | ୨୯ | ୨୪ | ୮ | ୯୬ | ୮୩ | ୯ | ୨୫୨ |
| | ୦୮. ୦୮.୨୦୧୮ | ୫୪ | ୨୯ | ୨୩ | ୮ | ୯୪ | ୮୮ | ୧୬ | ୨୧୬ |
| | ୦୯. ୦୮.୨୦୧୮ | ୧୫ | ୨୯ | ୨୪ | ୬ | ୯୫ | ୮୭ | ୬ | ୧୮୨ |
| | ୧୦. ୦୮.୨୦୧୮ | ୧୨ | ୩୦ | ୨୫ | ୩ | ୮୯ | ୬୨ | ୮ | ୨୫୧ |
| | ୧୧. ୦୮.୨୦୧୮ | ୦ | ୩୧ | ୨୬ | ୩ | ୮୭ | ୫୬ | ୮ | ୨୩୭ |

### କୃଷି ଉପଦେଶ

- ଓଡ଼ିଶାରେ ଜୁନ୍ ମାସରେ ୧୪୮ ମିଲି ମିଟର ବର୍ଷା ହାଇଛି ଯାହାକି ସ୍ଵାଭାବିକ ଠାରୁ ୩୧ ପ୍ରତିଶତ କମ୍ ରହିଥିଲା | ବର୍ତ୍ତମାନ ସୁଦ୍ଧା ଜୁଲାଇ 29 ତାରୀଖ ସୁଦ୍ଧା ରାଜ୍ୟରେ 306.6 ମିମି ବର୍ଷା ହୋଇଯାଇଛି ଯାହାକି ସ୍ଵାଭାବିକ ଠାରୁ ୬.୮ ପ୍ରତିଶତ କମ୍ ରହିଛି | ଜୁନ୍ ୧ ରୁ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ୪୫୪.୯ ମିଲି ମିଟର ବର୍ଷା ହୋଇଛି ଯାହାକି ସ୍ଵାଭାବିକ ଠାରୁ ୧୬.୬ ପ୍ରତିଶତ କମ୍ | ଆଗକୁ ଲଘୁଚାପ ଜନିତ ବର୍ଷାର ସମ୍ଭାବନା ଥିବାରୁ ବୁଣାବୁଣି  କାମ ଶେଷ କରନ୍ତୁ ଓ ଧାନ ରୁଆ ରୋଇ କାମ ଆରମ୍ଭ କରନ୍ତୁ |

ସଂପ୍ରତି ଦେବଗଡ଼, ମୟୁରଭଞ୍ଜ, ଅନୁଗୁଳ, କେଉଁଝର, ଭଦ୍ରକ, ଗଜପତି, ବାଲେଶ୍ଵର, ସମ୍ବଲପୁର, କେନ୍ଦ୍ରାପଡ଼ା, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, ନୂଆପଡ଼ା, ଯାଜପୁର, ଢେଙ୍କାନାଳ, ନୟାଗଡ଼ ଆଦି ଜିଲ୍ଲାରେ ସ୍ଵଳ୍ପ ବୃଷ୍ଟିପାତ ହୋଇଛି |

**ଖରିଫ ଧାନ**

**ବେଉଷଣ**

- ସିଧା ବୁଣା ଧାନ 25 ଦିନର ହୋଇଯାଇଥିଲେ ବେଉଷଣ କରିଦିଅନ୍ତୁ | ଘାସ ବାଛି କିସମ ଅନୁଯାୟୀ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ | ଆଗରୁ ମୂଳସାର ପ୍ରୟୋଗ କରିନଥିଲେ ଏକର ପ୍ରତି 16 କିଗ୍ରା ଫସଫରସ୍ ଓ 16 କିଗ୍ରା ପଟାସ୍ ସାର ସହିତ ଅଧା (6 ରୁ 8 କିଗ୍ରା) ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ |

**ତଳି ରଆ**

- ପାଣିର ସୁବିଧା ଥିଲେ ତଳି ରଆ କାମ କରନ୍ତୁ |
- ତଳି 3 ରୁ 4 ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ |
- ମୁଖ୍ୟ କିଆରୀକୁ ପ୍ରଥମେ 3 ରୁ 4 ଓଡ଼ ଚାଷ କରି ପାଣି ବାନ୍ଧି ରଖନ୍ତୁ | ରୋଇବା ଦିନ ଜମିରୁ ପାଣି ନିଷ୍କାସନ କରି ଜମିକୁ କାଦୁଅ କରନ୍ତୁ |
- ସବୁଜ ସାର ପାଇଁ ଆଜୋଲା ବଢ଼ାଇ ଥିଲେ  କାଦୁଅ ବେଳେ ହଳ କରି ମାଟିରେ ମିଶାଇ ଦିଅନ୍ତୁ |
- ଏକର ପ୍ରତି 2 କିଗ୍ରା ଆଜୋଟୋବ୍ୟାକ୍ଟର ବା ଆଜୋସ୍ପିରିଲମ୍ ସହିତ 2 କିଗ୍ରା ପି. ଏସ୍. ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ |
- ଶେଷ ଓଡ଼ କାଦୁଅରେ ଏକର ପ୍ରତି 12 ରୁ 16 କିଗ୍ରା ଫସଫରସ୍ ଓ 12 ରୁ 16 କିଗ୍ରା ପଟାସ୍ ସାର ସହିତ ଅଧା (6 ରୁ 8

  କିଗ୍ରା) ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ |
- ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରିନଥିଲେ 1 ମିଲି କ୍ଲୋରୋପାଇରିଫସ୍ ଔଷଧକୁ 1 ଲିଟର ପାଣିରେ ଗୋଳାଇ ତଳି ଚେ଼ରକୁ 8 ରୁ 10 ଘଣ୍ଟା ବୁଡ଼ାଇ ବିଶୋଧନ କରନ୍ତୁ |
- ଧାଡ଼ିକୁ ଧାଡ଼ି 15 -20 ସେମି ଓ ବୁଦାକୁ ବିଦା 10 ସେମି ବ୍ୟବଧାନ ରଖି ତଳି ରଅନ୍ତୁ | ବୁଦା ପ୍ରତି 2-3ଟି କରି ତଳି ସିଧା ଓ ଅଗଭୀରରେ ରଅନ୍ତୁ |
- ରଆ ପରେ ଜମିରେ ଚୁପୁଚୁପିଆ ପାଣି ରଖନ୍ତୁ |

**ମକା**

- ମକା ଫସଲ ଲଗାଇବାର 6 ସପ୍ତାହ ପରେ (ଚଅଁର ବାହରିବା ଅବସ୍ଥା) ଘାସ ବାଛି ଏକର ପ୍ରତି ଅନୁମୋଦିତ ସାର (80-40-40)ର ଏକ ତୃତୀୟାଂଶ   ଯବକ୍ଷାରଜାନ ସାର କୁ (8 କିଗ୍ରା) ଗଛ ମୂଳରୁ 10 ସେମି ଛାଡି ପ୍ରୟୋଗ କରନ୍ତୁ |  ସାର ପ୍ରୟୋଗ ବେଳେ  ଯଥେଷ୍ଟ ସତର୍କତା ଅବଲମ୍ବନ କରନ୍ତୁ  | ଗଛ ଉପରେ କିମ୍ବା ଗଛର ଖୁବ୍ ନିକଟରେ ସାର ପଡିଲେ ଗଛ ଝାଉଁଳି ଯିବାର ସମ୍ଭାବନା ଥାଏ  |
- ଏହି ସମୟରେ ସ୍ଥାନେ ସ୍ଥାନେ ମକା ଫସଲରେ ଫଲ୍ ଆର୍ମି ଓର୍ମ ଲଗିବାର ସୂଚନା ମିଳୁଛି | ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦ ଗ୍ରାମ୍ ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫% ଏସ୍.ଜି. କିମ୍ବା ୮୦ ମି.ଲି. କ୍ଲୋରାନଟ୍ରାନିଲୋପ୍ରିଲୋ ୧୮.୫ % ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ |

## ଧାନ ଫସଲ

କନ୍ଧମାଳ ଜିଲାରେ ୬-୮ ତାରିଖ ପର୍ଯ୍ୟନ୍ତ ଭଲ ବୃଷ୍ଟିପାତର ସମ୍ଭାବନା ରହିଛି , ତେଣୁ ଚାଷୀଭାଇମାନେ ଧାନ ତଳି ରୋଇବା କାମ ଶେଷ କରନ୍ତୁ, ରୋଇବା ସମୟରେ ଜବକ୍ଷାରଯାନ ଜାତୀୟ ସାର ର ୨୫ ଭାଗ , ସମୁଦାୟ ଫସଫରସ ଓ ଶତକଡା ୫୦ ଭାଗ ପଟାସ ସାର ପ୍ରୟୌଗ  କରନ୍ତୁ,  ଏହା ପ୍ରୟୌଗ କରି ରୋଇଲେ ଅଧିକ ଅମଳ ମିଳିଥାଏ |

## ବିଶେଷ ସୂଚନା

କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିସାନ କଲ କେନ୍ଦ୍ର( Kisan call center )

ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା ଜି . ଉଦୟଗିରି**